# ୩୦-୬-୨୦୨୦-ମଙ୍ଗଳବାର



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ**
ଆଜି ବିଭିନ୍ନ ସୂତ୍ରରୁ ଆୟ ଅନୁରୂପ ହେବ। ସୁସ୍ଥ ଓ ନିରାମୟ ଜୀବନ ଯାପନ କରିପାରନ୍ତି। ଯଶସ୍ୱୀ ହେବେ। ଲୋକପ୍ରିୟତା ଅର୍ଜନ କରିବେ। ଚଞ୍ଚଳମନା ହୋଇପାରନ୍ତି। ପରିବାରଜନ ଆପଣଙ୍କଠାରୁ ସୁଖଶାନ୍ତି ଆଶା କରିବେ।

**ବୃଷ**
ସରକାରୀସ୍ତରରେ ସମ୍ମାନିତ ହୋଇପାରନ୍ତି। ଅର୍ଥ ମିଳିବ। ରୋଜଗାରର ମାର୍ଗ ଉନ୍ମୁକ୍ତ ରହିଛି। ଶ୍ରମ ସାର୍ଥକ ହେବ। କୁଳ ଉଜ୍ଜ୍ୱଳକାରୀ ହେବେ। ମନ ପ୍ରସନ୍ନ ରହିବ। ସୁସ୍ଥ ଓ ନିରାମୟ ଜୀବନଯାପନ କରିବେ।

**ମିଥୁନ**
ବ୍ୟବସାୟରେ ଲାଭବାନ୍ ହେବେ। ଯଶସ୍ୱୀ ହେବେ। ସେବା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇପାରନ୍ତି। ଚନ୍ଦ୍ରଙ୍କ ଭୋଗ ହେତୁ ସତର୍କରେ ଚଳିବାକୁ ପଡ଼ିବ। ଭାଗ୍ୟଶାଳୀ ହୋଇପାରନ୍ତି।

**କର୍କଟ**
ଦିନଟି ଭୋଗ ବିଳାସରେ ଅତିବାହିତ କରିବେ। ଦାମ୍ପତ୍ୟ ସୁଖ ମିଳିବ। ଧର୍ମପରାୟଣ ହେବେ। ଚିନ୍ତାମୁକ୍ତ ହୋଇପାରନ୍ତି। ସମାନ୍ୟ ମାତ୍ରାରେ ଶାରୀରିକ ପୀଡ଼ା ଭୋଗିବାକୁ ପଡ଼ିପାରେ।

**ସିଂହ**
ସ୍ୱାଭିମାନୀ ହୋଇପାରନ୍ତି। ଯୁଗ୍ମ ବ୍ୟବସାୟରେ ଲାଭବାନ୍ ହେବାର ସୂଚନା ମିଳୁଛି। ଦୁର୍ଘଟଣାରୁ ରକ୍ଷା ପାଇଯିବେ। ବନ୍ଧୁମାନଙ୍କଠାରୁ ସାହାଯ୍ୟ ସହାନୁଭୂତି ପାଇ ଉତ୍‌ଫୁଲ୍ଲିତ ହେବେ। ସୁଖାଦ୍ୟ ଭୋଜନ କରିବେ।

**କନ୍ୟା**
ସେବକ ମନୋବୃତ୍ତିର ହୋଇପାରନ୍ତି। ଶାନ୍ତି ଓ ଧୌର୍ଯ୍ୟବାନ୍ ହେବେ। ପତ୍ନୀଙ୍କ ଇଙ୍ଗିତରେ ଚଳିବାକୁ ପଡ଼ିପାରେ। ଭାଇମାନଙ୍କ ପ୍ରତି ସ୍ନେହଭାବ ରହିବ। ସୁସ୍ଥ ଓ ନିରାମୟ ଜୀବନଯାପନ କରିବେ।

**ତୁଳା**
ଆଜି ଚାକିରି କ୍ଷେତ୍ରରେ ଉଚ୍ଚକର୍ତ୍ତୃପକ୍ଷଙ୍କ ବିଶ୍ୱାସର ପାତ୍ର ହେବେ। ବନ୍ଧୁଦ୍ୱେଷୀ ହେବା ଆଶା କରାଯାଏ। ଭଲମନ୍ଦ ମିଶ୍ରିତ ଫଳ ମିଳିବ। ଆୟ ବୃଦ୍ଧି ସୁଯୋଗ ସୃଷ୍ଟି ହୋଇଛି। ଆମୋଦପ୍ରମୋଦରେ ଦିନଟି ଅତିବାହିତ ହେବ।

**ବିଛା**
ଚଞ୍ଚଳ ସ୍ୱଭାବର ହୋଇପାରନ୍ତି। ଅକସ୍ମିତ ଧନଲାଭ ହେବାର ସୂଚନା ମିଳୁଛି। ଲଟେରୀ ଜିଣିବାର ସୁଯୋଗ ରହିଛି। ବ୍ୟବସାୟରେ ପ୍ରଚୁର ଧନଲାଭ ହେବ। ବନ୍ଧୁମିଳନ ଯୋଗ ରହିଛି।

**ଧନୁ**
ଗୁପ୍ତବିଦ୍ୟା ପ୍ରତି ରୁଚି ରହିବ। ଧନ ପ୍ରାପ୍ତିର ସୁଖଭୋଗ କରିପାରନ୍ତି। ସେହି ଧନ ପାଇଁ ବାଦବିବାଦ ଉପୁଜିପାରେ। ଉଦାର ସ୍ୱଭାବର ହେବେ। ସମ୍ବେଦନଶୀଳ ହୋଇପାରନ୍ତି।

**ମକର**
ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହେବେ। ସୁସ୍ଥ ଓ ନିରାମୟ ଜୀବନ ଅତିବାହିତ ହେବ। ଆଦର, ସମ୍ମାନ ମିଳିବ। ଉପଯୁକ୍ତ ବୁଦ୍ଧି ଖଟାଇ କାର୍ଯ୍ୟ ହାସଲ କରିବେ। ବନ୍ଧୁ ମିଳନରୁ ଆନନ୍ଦିତ ହୋଇପାରନ୍ତି।

**କୁମ୍ଭ**
ସାଙ୍ଗଠନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ସହିତ ଅନ୍ୟମାନଙ୍କୁ ସଙ୍ଗଠିତ କରିପାରିବେ। ମନ ପ୍ରସନ୍ନ ରହିବ। ଅସକ୍ତି ସ୍ୱଭାବର ହେବେ। ମଧୁରଭାଷୀ ହେବେ। ସାହସୀ ହୋଇପାରନ୍ତି।

**ମୀନ**
ଅନ୍ୟକଥାରେ ପ୍ରଭାବିତ ହୋଇପାରନ୍ତି। ବିଭିନ୍ନ ସ୍ତରରୁ ଧନଲାଭ ହେବାର ସୂଚନା ମିଳୁଛି। ସହନଶୀଳ ଓ ଶାନ୍ତିପ୍ରିୟ ହେବେ। ମିତ୍ରସୁଖ ମିଳିବ। ପତ୍ନୀଙ୍କ ପରାମର୍ଶ ଲୋଡ଼ିବେ। ରୋଜଗାର ବୃଦ୍ଧି ହେବାର ସୂଚନା ମିଳୁଛି।